# ସପ୍ତମ ଅଧ୍ୟାୟ

# ପଦ ପ୍ରକରଣ-ଅବ୍ୟୟ

**୭.୧ :** ଆମ ଭାଷାରେ ଆମେ ବ୍ୟବହାର କରୁଥିବା ପାଞ୍ଚପ୍ରକାରର ପଦ ମଧ୍ୟରୁ 'ଅବ୍ୟୟ' ଅନ୍ୟତମ । ବାକ୍ୟରେ ଏହି ପଦର ରୂପ ଓ ପ୍ରୟୋଗ ବିଶେଷ୍ୟ, ବିଶେଷଣ, ସର୍ବନାମ ଓ କ୍ରିୟା ଆଦି ଅନ୍ୟ ଚାରିପ୍ରକାର ପଦଠାରୁ ଅଲଗା । ଏବେ ଆମେ ଅବ୍ୟୟ ପଦର ସ୍ୱାତନ୍ତ୍ୟ ବିଷୟରେ ବିଚାର କରିବା ।

**୭.୨ :** ତଳ ବାକ୍ୟଗୁଡ଼ିକରେ ବ୍ୟବହୃତ କେତେକ ପଦକୁ ରେଖାଙ୍କିତ ଭାବରେ ଓ କେତେକକୁ କଳାଅକ୍ଷରରେ ଲେଖାଯାଇଛି । ଏବେ ଉଭୟ ଧରଣର ପଦକୁ ଲକ୍ଷ୍ୟକର ।

(କ) <u>ସେ</u> ଭଲ <u>ଖେଳନ୍ତି</u>; **ତେଣୁ** <u>ତାଙ୍କୁ</u> <u>ଲୋକମାନେ</u> ଆଦର <u>କରନ୍ତି</u> ।

(ଖ) <u>ସେମାନେ</u> ଭଲ <u>ଖେଳିଲେ</u>; **ତେଣୁ** <u>ସେମାନଙ୍କୁ</u> <u>ଲୋକେ</u> ଆଦର <u>କଲେ</u> ।

(ଗ) ରାମ **ଆଉ** ହରି ଦେଖିବାକୁ <u>ଅସୁନ୍ଦର</u>; **କିନ୍ତୁ** ଭଲ ପଢ଼ନ୍ତି ।

(ଘ) ଦୀପା **ଆଉ** ରୂପା ଦେଖିବାକୁ <u>ଅସୁନ୍ଦରୀ</u>; **କିନ୍ତୁ** ଭଲ ପଢ଼ନ୍ତି ଓ ଗାଆନ୍ତି ।

'କ-ଖ' ବାକ୍ୟରେ ଥିବା ରେଖାଙ୍କିତ ବାକ୍ୟଗୁଡ଼ିକୁ ପ୍ରଥମେ ବିଚାର କରିବା ।

'କ'- ବାକ୍ୟରେ 'ସେ' ପଦଟି ତୃତୀୟ ପୁରୁଷ ସର୍ବନାମର ଏକବଚନରୂପ । 'ସେ'ର କୁଟିଳ ବା ତିର୍ଯ୍ୟକ ରୂପ ହେଉଛି 'ତାଙ୍କୁ' । 'ତାଙ୍କୁ' ମଧ୍ୟ ଏକ ସର୍ବନାମ ପଦ । 'ସେ' ସର୍ବନାମର ଦ୍ୱିତୀୟା ବିଭକ୍ତିର ରୂପ 'ତାଙ୍କୁ' । ଏଠାରେ 'ସେ' ମୂଳରୂପଟି ତା + ଙ୍କୁ = ତାଙ୍କୁରେ ବଦଳି ଯାଇଛି । 'ଲୋକ'- ବିଶେଷ୍ୟ ପଦର ବହୁବଚନ ଚିହ୍ନ 'ମାନେ' ଲାଗି 'ଲୋକମାନେ' ହୋଇଛି । ବିଶେଷ୍ୟ ପଦ 'ଲୋକ'ର ରୂପ ଏହାଦ୍ୱାରା ବଦଳିଯାଇଛି । 'ଖେଳନ୍ତି' ଓ 'କରନ୍ତି'- ଏଦୁଇଟି ଖେଳ ଓ କର୍ କ୍ରିୟାପଦର ବର୍ତ୍ତମାନ କାଳସୂଚକ ରୂପ । 'ଖ'- ବାକ୍ୟରେ ତୃତୀୟ ପୁରୁଷ 'ସେ'ର ଏକବଚନ ରୂପରେ ବହୁବଚନ ସୂଚକ ଚିହ୍ନ'ମାନେ' ଲାଗି 'ସେମାନେ' ହୋଇଛି । ଏହି ବାକ୍ୟର ଦ୍ୱିତୀୟ ଅଂଶ ସେମାନ-ଙ୍କୁ ସେମାନେ ବହୁବଚନ ରୂପର ଏକ ଭିନ୍ନ ରୂପ ହେଉଛି- 'ସେମାନ' । 'ସେ'ର ସେମାନେ ଓ 'ସେମାନେ'ର 'ସେମାନ'- ଏପ୍ରକାର ଭିନ୍ନରୂପକୁ ବ୍ୟାକରଣ ଅନୁସାରେ କୁଟିଳ ବା ତିର୍ଯ୍ୟକ ରୂପ କୁହାଯାଏ । 'ସେମାନେ' କୁଟିଳରୂପରେ ଦ୍ୱିତୀୟା ବିଭକ୍ତି ଚିହ୍ନ 'ଙ୍କୁ' ଲାଗି 'ସେମାନଙ୍କୁ' ପଦଟି ଗଠିତ ହୋଇଛି । ଏହା ଏକ ପୁରୁଷବାଚକ ସର୍ବନାମ ପଦ । ବଚନ, ବିଭକ୍ତି ଅନୁସାରେ ମୂଳ ରୂପ 'ସେ'- 'ସେମାନେ, ସେମାନଙ୍କୁ'- ଏପରି ଭିନ୍ନରୂପ ଧାରଣ କରିଛି । ସେହିପରି 'ଲୋକ' ପ୍ରଥମା ବିଭକ୍ତି ଏକବଚନ ରୂପ । 'ଲୋକ' ମୂଳରୂପରେ ବହୁବଚନ ଚିହ୍ନ 'ଏ' ଲାଗି 'ଲୋକେ' ବହୁବଚନମୂଳକ ପଦଟି ଗଠିତ ହୋଇଛି । ସେହିପରି- 'ଖେଳ' ଓ 'କର' ମୂଳ କ୍ରିୟାପଦଟିରେ ଅତୀତକାଳସୂଚକ ପ୍ରତ୍ୟୟ ଲାଗିବାଦ୍ୱାରା ଦୁଇଟି ପରିବର୍ତ୍ତନ, ଭିନ୍ନ ରୂପର ପଦ 'ଖେଳିଲେ / କଲେ' ଗଠିତ ହୋଇ ବାକ୍ୟରେ ଯୋଗହୋଇଛି । ଏଥିରୁ ଜଣାଗଲା-

> *ପୁରୁଷ ଓ ବଚନ ଭେଦରେ ବିଶେଷ୍ୟ ଓ ସର୍ବନାମ ପଦର ରୂପ ବଦଳି ଯାଇଥାଏ । ସେହିପରି ପୁରୁଷ, ବଚନ ଓ କାଳସୂଚକ ବିଭକ୍ତି ଓ ସୂଚକ ଚିହ୍ନ ଲାଗିଲେ କ୍ରିୟାପଦର ମୂଳରୂପ ଓ ତଦନୁସାରେ ବାକ୍ୟାର୍ଥ ବି ବଦଳିଯାଏ ।*

'ଗ' ଓ 'ଘ'- ବାକ୍ୟରେ 'ଅସୁନ୍ଦର' ଓ ଅସୁନ୍ଦରୀ', ଦୁଇଟି ଗୁଣବାଚକ ବିଶେଷଣ ପଦ ବ୍ୟବହୃତ ହୋଇଛି । 'ଗ'- ବାକ୍ୟରେ ପୁରୁଷବାଚକ ବିଶେଷଣ ପଦ ରୂପେ 'ଅସୁନ୍ଦର' ବ୍ୟବହୃତ ହୋଇଛି । 'ଘ' ବାକ୍ୟରେ ବିଶେଷ୍ୟ ପଦ ହେଉଛି ସ୍ତ୍ରୀବାଚକ ନାମ- ଦୀପା ଓ ରୂପା । ସ୍ତ୍ରୀବାଚକ ବିଶେଷ୍ୟର ଗୁଣକୁ ବିଶେଷିତ କରିବାକୁ ଯାଇ 'ଅସୁନ୍ଦର' ରେ 'ଇନ୍-ଈ' ପ୍ରତ୍ୟୟ ଯୋଗ ହୋଇ 'ଅସୁନ୍ଦରୀ' ବିଶେଷଣ ପଦଟି ବ୍ୟବହୃତ ହୋଇଛି ।

**ଏଥିରୁ ଜଣାଗଲା ଲିଙ୍ଗ ଭେଦରେ ବିଶେଷଣ ପଦ ମଧ୍ୟ ରୂପ ବଦଳାଇଥାଏ ।**

ଏବେ ଆମେ ଉପରର ଚାରୋଟିଯାକ ବାକ୍ୟରେ ଥିବା କଳା ଅକ୍ଷରର ପଦ ତିନୋଟି (**ତେଣୁ, ଆଉ, କିନ୍ତୁ**)କୁ ବିଚାର କରିବା ।

'କ'-ବାକ୍ୟରେ ଥିବା ରେଖାଙ୍କିତ ବିଶେଷ୍ୟ, ସର୍ବନାମ ଓ କ୍ରିୟାପଦ ପୁରୁଷ-ବଚନ-ବିଭକ୍ତି-କାଳ ଅନୁସାରେ 'ଖ'-ବାକ୍ୟରେ ବଦଳି ଯାଇଛି । 'ମାତ୍ର' ଗୋଟିଏ ନିର୍ଦ୍ଦିଷ୍ଟ ପଦ 'ତେଣୁ' ଦୁଇଟି ବାକ୍ୟରେ ସମାନ ରୂପରେ ଅପରିବର୍ତ୍ତିତ ରହିଛି । ସେହିପରି 'ଗ-ଘ' ବାକ୍ୟରେ ବିଶେଷଣ ପଦ ରୂପ ବଦଳାଇଛି । ମାତ୍ର ଉଭୟ ବାକ୍ୟରେ ଥିବା 'ଆଉ / କିନ୍ତୁ' ପଦର ରୂପରେ କୌଣସି ପିରବର୍ତ୍ତନ ଘଟିନାହିଁ । ଏଥିରୁ ଜଣାଗଲା ଯେ–

- ଆମେ ଅନେକ ପଦ ବାକ୍ୟରେ ଭାବପ୍ରକାଶ ପାଇଁ ବ୍ୟବହାର କରୁ ଯେଉଁ ଗୁଡ଼ିକରେ ବଚନ, କାଳ, ପୁରୁଷ, ଲିଙ୍ଗ ଓ ଅନ୍ୟ କୌଣସି ପ୍ରକାରର ବିଭକ୍ତି ଲାଗି ନଥାଏ ।
- ବଚନ-ପୁରୁଷ-କାଳ-ବିଭକ୍ତି ଚିହ୍ନ ଲାଗି ନଥିବା କେତେକ ପଦ କୌଣସି ଅବସ୍ଥାରେ ବଦଳେ ନାହିଁ ।
- କୌଣସି ପରିସ୍ଥିତିରେ ଓ ବାକ୍ୟରେ କୌଣସି ସ୍ଥାନରେ ଏପ୍ରକାର ପଦର ଆକାରାଦିରେ ହ୍ରାସ-ବୃଦ୍ଧି, ଘଟାନ୍ତର ବା ରୂପ ପରିବର୍ତ୍ତନ ଘଟିନଥାଏ ।
- ଆକାରାଦିରେ ହାନି ବା ବ୍ୟୟ ଘଟୁନଥିବାରୁ ଏ ଧରଣର ପଦକୁ 'ଅବ୍ୟୟ'କୁହାଯାଏ । ସୁତରାଂ-

**ଯେଉଁ ପଦଗୁଡ଼ିକର ରୂପରେ ବିଭକ୍ତି, ବଚନ, କାଳ, କାରକ, ଓ ଲିଙ୍ଗାଦି ଭେଦ ଅନୁସାରେ କୌଣସି ପରିସ୍ଥିତିରେ ବ୍ୟୟ ଘଟେ ନାହିଁ; ସେହି ଅପରିବର୍ତ୍ତନଶୀଳ ପଦକୁ 'ଅବ୍ୟୟ ପଦ' କୁହାଯାଏ ।**

ଓ, ଏବଂ, ଆଉ, ନା, ସିନା, ମାତ୍ର, ତଥାପି, ପ୍ରାୟତଃ, କ୍ୱଚିତ୍, ବୋଲି, ଠୋଠୋ, ଓଃ, ଇତ୍ୟାଦି- ଗୋଟିଏ ଗୋଟିଏ ଅବ୍ୟୟ ପଦ ।

### ୭.୩ : ଅବ୍ୟୟପଦର ଶ୍ରେଣୀ ବିଭାଗ :

ବାକ୍ୟ ଗଠନ ପାଇଁ ଓ ବାକ୍ୟାର୍ଥ ନିର୍ଦ୍ଧାରଣ ନିମନ୍ତେ ଆବଶ୍ୟକ ଅନୁସାରେ ଆମେ ନାନା ପ୍ରକାରର, ନାନା ଆକାରର ଓ ନାନା ଅର୍ଥର ଅବ୍ୟୟପଦ ବ୍ୟବହାର କରିଥାଉ । ନିମ୍ନମତେ କେତେକ ପ୍ରଧାନ ପ୍ରକାରର ଅବ୍ୟୟ ପଦ ବିଷୟରେ ବିଚାର କରାଯାଉଛି । ସେଗୁଡ଼ିକୁ ଲକ୍ଷ୍ୟକର ଓ ଭାଷାରେ ବ୍ୟବହାର କରିବାକୁ ଅଭ୍ୟାସ କର ।

**୭.୩.୧ :** ଆମ ଓଡ଼ିଆ ଭାଷାରେ ଚାରିପ୍ରକାର ଶବ୍ଦ ରହିଛି । ଅବ୍ୟୟମୂଳକ ଶବ୍ଦ ମଧ୍ୟ ଏ ଦିଗରୁ ଚାରିପ୍ରକାର ।ଯଥା- ତତ୍ସମ ବା ସଂସ୍କୃତ ଅନୁରୂପ, ତଦ୍‌ଭବ ବା ସଂସ୍କୃତରୁ ଜାତ, ଦେଶୀୟ ବା ଖାଣ୍ଟି ଆଞ୍ଚଳିକ ଓଡ଼ିଆ ଓ ବୈଦେଶିକ ବା ଅନ୍ୟଭାଷାରୁ ଆଗତ ଅବ୍ୟୟପଦ ।

- ଯେଉଁ ଅବ୍ୟୟପଦଗୁଡ଼ିକ ଅବିକଳ ସଂସ୍କୃତ ଭାଷା ପରି ବ୍ୟବହୃତ ହୋଇଥାଏ, ତାହା **'ତତ୍ସମମୂଳକ ଅବ୍ୟୟ'** । ଯଥା- ପୁନଶ୍ଚ, ଯଦ୍ୟପି, କଦାଚିତ୍, ଅଥବା, କସ୍ମିନ୍, ଅଗତ୍ୟା, ଅୟି, ଅନ୍ୟ, ଈଷତ୍ ।

- ଯେଉଁ ଅବ୍ୟୟପଦଗୁଡ଼ିକର ମୂଳ ସଂସ୍କୃତ; ମାତ୍ର ତାହାର ପରିବର୍ତ୍ତନ ଘଟି ଓଡ଼ିଆରେ ସଂସ୍କୃତାନୁସାରୀ ହୋଇ ବା ସଂସ୍କୃତ ଅବ୍ୟୟ ପଦରୁ ଉଦ୍‌ଭବ ହୋଇ ବ୍ୟବହୃତ ହେଉଛି ; ତାହାକୁ **'ତଦ୍‌ଭବମୂଳକ ଅବ୍ୟୟ'** ଭାବରେ ଗ୍ରହଣ କରାଯାଇପାରେ । ଯଥା- ପୁଣି (ପୁନଃ > ପୁଣି), କି (କିଂ > କି), ବାରବାର (ବାରମ୍ବାର > ବାରବାର), କିଛି (କିଂଚିତ୍ > କିଛି), ପ୍ରାୟତଃ > ପ୍ରାୟ (ପ୍ରାୟଶଃ > ପ୍ରାୟତଃ > ପ୍ରାୟ), ଏଣୁ (ଅତଃ > ଏଣୁ) ।

- ଯେଉଁ ଅବ୍ୟୟପଦଗୁଡ଼ିକ ଅନ୍ୟକୌଣସି ଭାଷାରୁ ଆସିନାହିଁ କିଂବା ସେହି ଅବ୍ୟୟପଦର ମୂଳରୂପ ଅନ୍ୟକୌଣସି ଭାଷାରେ ନାହିଁ ଏବଂ ତାହା କେବଳ ଓଡ଼ିଆ ଭାଷାଭାଷୀଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସୁଛି, ସେଗୁଡ଼ିକୁ **'ଦେଶ୍ୟ ଅବ୍ୟୟପଦ'** ବା **'ଦେଶଜ ଅବ୍ୟୟ'** କୁହାଯାଇ ପାରେ । ଯଥା : ଆଲୋଆଲୋ, ଉଁଚୁଁ, ଆହୁରି, ଆଉ, ଅଃଅ..., ଆଚ୍ଛା, ଏଇଲେ, ଏବେ, ଏଆଡ଼ୁ, ଓଲଟି, ଫେଁଫେଁ, ଚେଁଚେଁ, ଅଇଛା ।

- କେତେକ ଅବ୍ୟୟ ପଦ ବିଦେଶୀ ଭାଷାର ପ୍ରଭାବ ଓ ସଂସ୍ପର୍ଶ ହେତୁ ଆମ ଭାଷାରେ ପ୍ରଚଳିତ ହୋଇ ଆସୁଛି । ଏଗୁଡ଼ିକୁ **'ବୈଦେଶିକ ଅବ୍ୟୟ'** ପଦ କୁହାଯାଏ । ଯଥା- ଆସ୍ତେଆସ୍ତେ, ଇସ୍, ଫେର୍, ଅଲବତ, ହାଲୋ, ହାଏହାଏ, ଫୁସ୍, ରୋଜ୍,ହରଦମ୍ ପ୍ରଭୃତି ।

**୭.୩.୨ :** ରୂପ ବା ଆକାର ଦିଗରୁ ଆମେ ବ୍ୟବହାର କରୁଥିବା ଓଡ଼ିଆ ଭାଷାର ଅବ୍ୟୟ ପଦକୁ ଏକାକ୍ଷର ବିଶିଷ୍ଟ, ଏକାଧିକ ଅକ୍ଷର ବିଶିଷ୍ଟ, ଦ୍ୱିତ୍ୱଶବ୍ଦ ବିଶିଷ୍ଟ ଓ ଯୌଗିକଶବ୍ଦ ବିଶିଷ୍ଟ- ଏହିପରି ଚାରିଭାଗରେ ପୁନଶ୍ଚ ବିଭକ୍ତ କରିପାରିବା ।

(କ) ଏକ ବା ଏକାଧିକ ଅକ୍ଷର ବିଶିଷ୍ଟ ଅବ୍ୟୟପଦ- ଇ,ତ,ମ, ଓ, ଉଁ, ଏଁ, ଲୋ, ଗୋ, ହୋ, ହେ, ଓଃ, ବାଃ, ହିଁ, ନା, କି, ଟି, ହଁ, ନ, ଅଃ, ଆଃ, ଛି, ବା, ବି, ହେଁ, ଗଃଗଃ, କିସ, ବରଂ, ଆଉ, ଆଉ, ଏବେ, ଇଲାଗେ, ଇସ, ହଇ, ହେଲେ, କ'ଣ, ନତୁବା, ତଥାପି, କଦାଚିତ୍, ଅଧିକନ୍ତୁ ।

(ଖ) ଦ୍ୱିତ୍ୱଶବ୍ଦ ବିଶିଷ୍ଟ ଅବ୍ୟୟପଦ- ଗୋଟିଏ ଶବ୍ଦ ଦୁଇଥର ଉଚ୍ଚାରିତ ବା ଲେଖା ହେଲେ ତାହା ଦ୍ୱିତ୍ୱ ହୋଇଥାଏ । କେତେକ ଦ୍ୱିତ୍ୱଶବ୍ଦ ଆମ ଭାଷାରେ ଅବ୍ୟୟ ଭାବରେ ବ୍ୟବହୃତ ହୁଏ । ଯଥା- ଠକ୍‌ଠକ୍, ମଡ଼୍‌ମଡ଼୍, ଚଡ଼୍‌ଚଡ଼୍, ଠୋଠୋ, ଢୋଢୋ, ଲାଗେଲାଗେ, ଘନଘନ, ବାରବାର, ଢାଏଁଢାଏଁ, ଦୁମ୍‌ଦୁମ୍, ନକନକ, ଫଟ୍‌ଫଟ୍, ସେଁସେଁ, ଟିକେଟିକେ, କ୍ରମେକ୍ରମେ, ଟାଉଁଟାଉଁ, କେବେକେବେ, ଏବେଏବେ, କିଣିକିଣି, କୁତୁକୁତୁ ।

ମନେରଖ ଏପ୍ରକାର ଅବ୍ୟୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦ ଦୋହରା ଯାଇଥାଏ ।

(ଗ) ଏକାଧିକ ଅବ୍ୟୟପଦ ଅଥବା ଅବ୍ୟୟପଦ ସହିତ ଅନ୍ୟ ସାଧାରଣ ଶବ୍ଦ ମିଶି ଯୌଗିକ ଅବ୍ୟୟ ପଦ ଗଠନ କରାଯାଇ ଓଡ଼ିଆ ଭାଷାରେ ବ୍ୟବହୃତ ହୁଏ । ଯଥା-

- ଅବ୍ୟୟ ପଦ ସହିତ ଅନ୍ୟଏକ ଅବ୍ୟୟପଦ ମିଶି ଯୌଗିକ ଅବ୍ୟୟ ପଦ ଗଠନ କରନ୍ତି । ଯଥା-ଯଦି + ବା = ଯଦିବା / ଏଣୁ + ତେଣୁ = ଏଣୁ-ତେଣୁ / ଯଥା + ତଥା = ଯଥାତଥା / ଯତ୍ର + ତତ୍ର = ଯତ୍ରତତ୍ର /

ନାହିଁ + ଟି = ନାହିଁଟି / କିସ + ପାଇଁ = କିସପାଇଁ / କ'ଣ + କି = କ'ଣକି / ଓ' + ଲୋ = ଓ'ଲୋ / ଯେବେ + ହେଲେ = ଯେବେହେଲେ / କେବେ + ହେଁ = କେବେହେଁ / ପୁନରପି / ଆହୁରିବି / ଯଦି + ଅପି = ଯଦ୍ୟପି / ଆଉ+କିଛି = ଆଉକିଛି ।

- ଅବ୍ୟୟପଦ ସହିତ ଅନ୍ୟଏକ ସାଧାରଣ ପଦ ମିଶି ଯୌଗିକ ଅବ୍ୟୟ ପଦ ଗଠନ କରନ୍ତି । ଯଥା- ଯଥା + ଶକ୍ତି = ଯଥାଶକ୍ତି । ଅନ୍ୟ + ଥା = ଅନ୍ୟଥା / ଯଥା + ପୂର୍ବ = ଯଥାପୂର୍ବ / ପୂର୍ବ + ଅବଧି = ପୂର୍ବାବଧି ।

**୭.୪ :** ବାକ୍ୟାର୍ଥ ନିର୍ଦ୍ଧାରଣ, ବ୍ୟାବହାରିକ ଅର୍ଥ ଓ କାର୍ଯ୍ୟ ଭେଦ ଅନୁସାରେ ଓଡ଼ିଆ ଅବ୍ୟୟ ପଦଗୁଡ଼ିକ ବିଭିନ୍ନ ପ୍ରକାରର । କେଉଁ ପ୍ରକାରର ଅବ୍ୟୟପଦ ବାକ୍ୟରେ ବ୍ୟବହୃତ ହୋଇ କିକି କାର୍ଯ୍ୟ କରନ୍ତି ଓ କିପ୍ରକାରେ ଅର୍ଥ ପ୍ରଦାନ କରନ୍ତି ତାହା ନିମ୍ନମତେ ଆଲୋଚନା କରାଯାଉଛି ।

### ୭.୪.୧ : ସଂଯୋଜକ ଅବ୍ୟୟ :

ତଳ ବାକ୍ୟଗୁଡ଼ିକୁ ପଢ଼ ଓ ମୋଟା ଅକ୍ଷରର ଅବ୍ୟୟପଦଗୁଡ଼ିକର ବାକ୍ୟରେ କି ପ୍ରକାର ଭୂମିକା ରହିଛି ଲକ୍ଷ୍ୟକର ।

(କ) କୁନି **ଓ** ମିନି ଦୁଇ ଭଉଣୀ ।

(ଖ) ମୁଁ **ଆଉ** ସେ ମିଶିକରି ଖେଳିବୁ ।

(ଗ) ତୁମେ ହାଟକୁ ଯାଇଥିବ **ଏବଂ** ସେଠାରେ ନକୁଳ ତୁମକୁ ଭେଟିବ ।

(ଘ) ଆପଣ ସେହି କାମଟି ସାରି **ଆହୁରି** ଏ କାମରେ ହାତ ଦେଲେଣି ।

(ଙ) ଦଶଟା ଭିତରେ ସେଠି କାମ ସାରି **ପୁଣି** ଏଗାରଟା ବେଳେ ଏଠିକି ଆସ ।

'କ-ଖ' ବାକ୍ୟ ଦୁଇଟିରେ 'ଓ' / 'ଆଉ' ଦୁଇଟି ଅବ୍ୟୟପଦ । କୁନି-ମିନି ବିଶେଷ୍ୟ ପଦ ମଧ୍ୟରେ 'ଓ' ବସିଚି ଓ ଉଭୟକୁ ସଂଯୋଗ କରୁଛି । ସେହିପରି ମୁଁ-ସେ ସର୍ବନାମ ପଦ ଦୁଇଟି ମଝିରେ 'ଆଉ' ବ୍ୟବହୃତ ହୋଇ ଉଭୟ ମଧ୍ୟରେ ସଂଯୋଜନାର ଭୂମିକା ସଂପନ୍ନ କରୁଛି । 'ଗ-ଘ-ଙ' ବାକ୍ୟ ତିନୋଟିରେ 'ଏବଂ, ଆହୁରି, ପୁଣି ତିନୋଟି ଅବ୍ୟୟପଦ ରହିଛି । ପ୍ରତ୍ୟେକ ବାକ୍ୟରେ ଦୁଇ ଦୁଇଟି ଅଲଗା ଅଲଗା ଭାବର ବାକ୍ୟ ରହିଛି । ଅଲଗା ଅଲଗା ବାକ୍ୟକୁ 'ଏବଂ, ଆହୁରି, ପୁଣି' ସଂଯୋଗ କରି ଗୋଟିଏ ବାକ୍ୟରେ ପରିଣତ କରୁଛି । କ-ଖ ବାକ୍ୟରେ ବ୍ୟବହୃତ ଅବ୍ୟୟପଦ ଦୁଇଟି ପଦକୁ ଓ ଗ - ଘ - ଙ ବାକ୍ୟରେ ବ୍ୟବହୃତ ଅବ୍ୟୟପଦ ଦୁଇଟି ବାକ୍ୟକୁ ସଂଯୋଗ କରୁଛି । ଏଥିରୁ ଜଣାଗଲା,

**ଯେଉଁ ଅବ୍ୟୟପଦ ଦୁଇଟି ଶବ୍ଦ ବା ପଦ ଅଥବା ବାକ୍ୟକୁ ସଂଯୋଜନ କରେ ତାହାକୁ ସଂଯୋଜକ ଅବ୍ୟୟ କୁହାଯାଏ ।**

ଓ, ଏବଂ, ଆଉ, ପୁଣି, ଆହୁରି, ଫେର୍, ମଧ୍ୟ, ବି, ହେଁ- ପ୍ରଭୃତି ଏପ୍ରକାରର ଅବ୍ୟୟ ପଦର ଦୃଷ୍ଟାନ୍ତ । ଏସବୁ ଅବ୍ୟୟ ପଦ ମଧ୍ୟରୁ 'ଏବଂ' ସାଧାରଣତଃ ବାକ୍ୟ ଯୋଗ ପାଇଁ ବ୍ୟବହୃତ ହୋଇଥାଏ । 'ଓ' ମୁଖ୍ୟତଃ ପଦ ସହିତ ପଦର ଯୋଗ ପାଇଁ ବ୍ୟବହୃତ ହୁଏ ।

### ୭.୪.୨ : ବିଯୋଜକ ଅବ୍ୟୟ :

ଭାବ ଅନୁସାରେ ଯେଉଁ ଅବ୍ୟୟପଦ ଦୁଇଟି ପଦ ଅଥବା ବାକ୍ୟକୁ ବିଯୋଜନ କରିଦିଏ ବା ଅଲଗା କରିଦିଏ ତାହାକୁ **'ବିଯୋଜକ ଅବ୍ୟୟ'** କୁହାଯାଏ । କିନ୍ତୁ, ମାତ୍ର, ତଥାପି, ଅଥଚ, ଅଥବା, କିମ୍ବା, ବା, ନତୁବା, ଅବା, ନା, କିବା, ହେଲେବି- ଇତ୍ୟାଦି, ଏହି ପ୍ରକାର ଅବ୍ୟୟର ଅନ୍ତର୍ଗତ । ଏବେ ତଳ ଉଦାହରଣଗୁଡ଼ିକୁ ଲକ୍ଷ୍ୟକର ।

(କ) ସେ କହିବେ **ନା** ମୁଁ କହିବି ।

(ଖ) ହୀରା କିଣିବ **କି** ସୁନା କିଣିବ ସେ ଜାଣିଥିବ ।

(ଗ) ତୁମେ ଲେଖିବ **ବା** ସେ ଲେଖିବେ, ପରେ ବିଚାର ହେବ ।

(ଘ) ହରି କଟକ ଆସିଲା, **କିନ୍ତୁ** ମତେ ଦେଖା କଲାନାହିଁ ।

(ଙ) ତୁମେ ଚାହିଁଲେ ଖେଳିବ **ନତୁବା** ଫେରିଯିବ ।

(ଚ) ଏପ୍ରଶ୍ନର **ଅଥବା** ସେହି ପ୍ରଶ୍ନର ଉତ୍ତର ଦିଅ ।

ଉପର ବାକ୍ୟଗୁଡ଼ିକରେ 'ନା, କି, ବା, କିନ୍ତୁ, ନତୁବା, ଅଥବା' ଇତ୍ୟାଦି ବିଯୋଗକାରୀ ଅବ୍ୟୟ ପଦଗୁଡ଼ିକ ପଦ ବା ବାକ୍ୟକୁ ଅଲଗା କରୁଛନ୍ତି ।

### ୭.୪.୩ : କାରଣସୂଚକ ଅବ୍ୟୟ ବା ହେତୁବାଚକ ଅବ୍ୟୟ :

ବାକ୍ୟର ଭାବକୁ ହେତୁବୋଧକ ବା କାରଣ ସୂଚକ କରିବା ପାଇଁ ଆମେ ଯେଉଁ ଅବ୍ୟୟ ପଦଗୁଡ଼ିକୁ ବ୍ୟବହାର କରିଥାଉ ତାହାକୁ **'କାରଣସୂଚକ ଅବ୍ୟୟ'** କୁହାଯାଏ । ଉଦାହରଣ ସ୍ୱରୂପ-

(କ) ତୁମେ ଦୋଷ କରିଛ, **ତେଣୁ** ଭୁଲ୍ ମାଗିବା ଉଚିତ ।

(ଖ) ସେ ଗରିବ, **କାରଣ** ସେ ଅଳସୁଆ ଓ ଅକର୍ମା ।

(ଗ) ତୁମେ ହାରିଲ ; **ଅତଏବ** ତୁମେ ସର୍ତ୍ତ ମାନିବାକୁ ବାଧ୍ୟ ।

ଏହି ଶ୍ରେଣୀର ଅନ୍ୟ କେତୋଟି ଅବ୍ୟୟପଦ ହେଲେ- ଯେହେତୁ, ତା'ହେଲେ, ସୁତରାଂ, ଯଦିବା, କାଳେ, ହେତୁ, ଏଣୁ, ଯେଣୁ । ଏ ପ୍ରକାରର ଅବ୍ୟୟ ବାକ୍ୟରେ କାର୍ଯ୍ୟ ଓ ତା'ର କାରଣକୁ ସୂଚିତ କରିଥାଏ ।

### ୭.୪.୪ : ସମୟସୂଚକ ବା କାଳସୂଚକ ଅବ୍ୟୟ :

ବାକ୍ୟାର୍ଥକୁ କାଳ ବା ସମୟସୂଚକ କରି ପ୍ରକାଶ କରୁଥିବା ଅବ୍ୟୟ ପଦକୁ **'ସମୟସୂଚକ ଅବ୍ୟୟ'** କୁହାଯାଏ । କେତୋଟି ଦୃଷ୍ଟାନ୍ତ :

(କ) ତୁମ କଥା **ସର୍ବଦା** ମନେରଖିବି । (ଖ) ସେ **ଏବେଏବେ** ପହଞ୍ଚିଲେ ।

(ଗ) ପିଲାମାନେ ଏହିକ୍ଷଣି ଆସିଯିବେ । (ଘ) **ହଠାତ୍** ସେ ରାଗିଯିବେ, ଏମିତି ଭାବି ନଥିଲୁ ।

ଏହି ଶ୍ରେଣୀର ଅନ୍ୟାନ୍ୟ କାଳସୂଚକ ଅବ୍ୟୟ ପଦଗୁଡ଼ିକ ହେଲେ- ତା'ପରେ, ଏହାପରେ, ଏବକା, ଏକ୍ଷଣି, ଏଇନେ, ଇଲାଗେ, ସଂପ୍ରତି, ଏଇନା, ଏକଦା, ସର୍ବଦା, ଏଇଲେ, ଯେତେବେଳେ, ସେତେବେଳେ, କେତେବେଳେ, ଏତେବେଳେ, ଏବେଳରେ, କେବେ, ଯେବେ, ଆଜିକାଲିକା, ଯୁଗେଯୁଗେ, କାଳକାଳ, ବେଳେବେଳେ ।

### ୭.୪.୫ : ବିଭକ୍ତିସୂଚକ ଅବ୍ୟୟ :

କେତେକ ଅବ୍ୟୟପଦ ବାକ୍ୟରେ ବିଶେଷ୍ୟ ପଦପରେ ବସି ବିଭକ୍ତିପରି କାର୍ଯ୍ୟ କରିଥାନ୍ତି । କେତେକ ଅବ୍ୟୟ ପଦ ଯୋଗ ହେବା ଦ୍ୱାରା ବିଶେଷ୍ୟ ପଦ ନିର୍ଦ୍ଦିଷ୍ଟ ବିଭକ୍ତିସୂଚକ ହୋଇଥାଏ । ଉଦାହରଣ ସ୍ୱରୂପ-

(କ) ସେହି ଜଙ୍ଗଲରେ ଚିତ୍ରଗ୍ରୀବ **ବୋଲି** ଜଣେ କପୋତରାଜ ଥିଲେ ।

(ଖ) ମିଥ୍ୟାବାଦୀକୁ **ଧିକ୍** ।

(ଗ) ତାଙ୍କ **ଦେଇ** ଏକାମତି ହେବ ।

(ଘ) ତୁମ **ଅପେକ୍ଷା** ସେ ଯଥେଷ୍ଟ ଆଗୁଆ ।

ଏଠାରେ କ-ବାକ୍ୟରେ 'ବୋଲି' ଅବ୍ୟୟ ପଦ ଯୋଗେ 'ଚିତ୍ରଗ୍ରୀବ' ପ୍ରଥମା ବିଭକ୍ତିର ରୂପ ହୋଇଛି । ଖ-ବାକ୍ୟରେ 'ଧିକ୍' ଅବ୍ୟୟ ପଦକୁ ଆଧାର କରି 'ମିଥ୍ୟାବାଦୀକୁ' ପଦଟି ଦ୍ୱିତୀୟା ବିଭକ୍ତିର ହୋଇଛି । 'ତାଙ୍କ' ସର୍ବନାମ ପଦପରେ 'ଦେଇ' ବିଭକ୍ତି ଚିହ୍ନବତ୍ ବସିବାଦ୍ୱାରା ତୃତୀୟା ବିଭକ୍ତି ସୂଚିତ ହେଉଛି (ତାଙ୍କଦେଇ ଅର୍ଥାତ୍ ତାଙ୍କ ଦ୍ୱାରା) । ଘ-ବାକ୍ୟରେ "ଅପେକ୍ଷା" ପଦଟି ଦ୍ୱାରା ପଞ୍ଚମୀ ବିଭକ୍ତିର 'ଠାରୁ' ଅର୍ଥ ସୂଚିତ ହେଉଛି । ସୁତରାଂ-

ବାକ୍ୟରେ ଯେଉଁ ଅବ୍ୟୟପଦ ଦ୍ୱାରା ବିଭକ୍ତିମୂଳକ ଅର୍ଥ ସୂଚିତ ହୋଇଥାଏ ତାହାକୁ **'ବିଭକ୍ତିସୂଚକ ଅବ୍ୟୟ'** କୁହାଯାଏ । ଏ ପ୍ରକାରର ଅବ୍ୟୟ ପଦ ବାକ୍ୟରେ ବିଶେଷ୍ୟ ପଦ ପାଇଁ ଠିକ୍ ବିଭକ୍ତି ପରି କାର୍ଯ୍ୟ କରିଥାଏ ।

ଏହି ଶ୍ରେଣୀର ଆଉ କେତେକ ଅବ୍ୟୟ ପଦ-କର୍ତ୍ତୃକ, ଦ୍ୱାରା, ପାଇଁ, ଲାଗି, ଯୋଗୁଁ, ଠାରୁ, ଠାରେ, ଦେହି, ହେତୁ, ବିନା, ସହିତ, ନିମନ୍ତେ । ଏପ୍ରକାର ଅବ୍ୟୟ ପଦଗୁଡ଼ିକ ଯୋଗୁଁ ବାକ୍ୟରେ ଅନ୍ୟପଦର ବିଭକ୍ତି ସୂଚିତ ହୋଇଥାଏ ।

### ୭.୪.୬ : ପଦାନ୍ୱୟୀ ଅବ୍ୟୟ :

ପଦାନ୍ୱୟୀ କହିଲେ ବାକ୍ୟରେ ଅନ୍ୟପଦ ସହିତ ସମ୍ବନ୍ଧିତ ହେବାକୁ ବୁଝାଏ । ଯେଉଁ ଅବ୍ୟୟ ପଦ ବାକ୍ୟରେ ବ୍ୟବହୃତ ହୋଇ ପୂର୍ବବର୍ତ୍ତୀ ସମ୍ବନ୍ଧ ପଦ (ବିଶେଷ୍ୟ / ସର୍ବନାମ ପଦ) ସହିତ ଅନ୍ୱିତ ହୋଇଥାଏ ବା ଅର୍ଥ ସମ୍ବନ୍ଧ ରଖିଥାଏ ତାହାକୁ **'ପଦାନ୍ୱୟୀ ଅବ୍ୟୟ'** କୁହାଯାଏ ।

ପଦାନ୍ୱୟୀ ଅବ୍ୟୟ ପଦ ଯୋଗରେ ବାକ୍ୟରେ ଅନ୍ୟାନ୍ୟ କେତେକ ପଦ ବିଭକ୍ତିଯୁକ୍ତ ଅର୍ଥ ପ୍ରକାଶ କରନ୍ତି । ବିନା, ଯାଏ, ଯାକେ, ପ୍ରତି, ଅପେକ୍ଷା, ପର୍ଯ୍ୟନ୍ତ, ସହ, ସହିତ, ଅବଧି, ନିମିତ୍ତ, ଛଡ଼ା, ଯୋଗୁଁ, ବାବଦ, ମାର୍ଫତ, ତୁଲ୍ୟ, ସମ, ସଦୃଶ, ପରି, ସକାଶେ, ଅନୁସାରେ- ଇତ୍ୟାଦି ଏହି ଶ୍ରେଣୀୟ ଅବ୍ୟୟ ପଦ । ଉଦାହରଣ ଦୁଇଟିକୁ ଲକ୍ଷ୍ୟକର ।

ତୁମ **ସହ** ଆଉଜଣେ ଆସିଥିଲେ ।　　　　ତାଙ୍କ **ବିନା** ଅନ୍ୟଗତି ନାହିଁ ।

ଉପରଲିଖିତ ବାକ୍ୟରେ 'ସହ' ଅବ୍ୟୟପଦ ଯୋଗେ 'ତୁମ' ପଦଟି ଷଷ୍ଠୀ ବିଭକ୍ତିର ହୋଇଛି । ଅର୍ଥାତ ଷଷ୍ଠୀ ବିଭକ୍ତି ପଦ ସହିତ 'ସହ' ଅବ୍ୟୟ ପଦର ଅନ୍ୱୟ ବା ସମ୍ବନ୍ଧ ଘଟିଛି । ତେଣୁ 'ସହ' ଏକ ପଦାନ୍ୱୟୀ ଅବ୍ୟୟ । ସେହିପରି 'ବିନା' ଅବ୍ୟୟ ପଦ ଯୋଗେ 'ତାଙ୍କ' ପଦଟି ଷଷ୍ଠୀ ବିଭକ୍ତିମୂଳକ ହୋଇଛି । ଷଷ୍ଠୀ ବିଭକ୍ତି ପଦ 'ତାଙ୍କ' (ତା + ଙ୍କ) ସହିତ ଅନ୍ୱିତ ହୋଇଥିବାରୁ 'ବିନା' ଏକ 'ପଦାନ୍ୱୟୀ ଅବ୍ୟୟ' ପଦ ।

ସେ କାମ **ଅନୁସାରେ** ଦରମା ପାଇବେ । ତୁମ **ଛଡ଼ା** ତାଙ୍କର କେହି ନାହିଁ । ମୋ **ସକାଶେ** ସେ ଗଲେ । ଏକଥା ବାଙ୍କସାରଙ୍କ **ପର୍ଯ୍ୟନ୍ତ** ଗଲାଣି । କୃଷ୍ଣ **ଲାଗି** ଗୋପଦାଣ୍ଡ ସୁନ୍ଦର ।

ବିଭକ୍ତି ସୂଚକ ଅବ୍ୟୟ ପଦ ବାକ୍ୟରେ ବିଭକ୍ତି ଚିହ୍ନ ପରି ବ୍ୟବହୃତ ହୁଏ ଓ ପଦସହିତ ସଂଯୁକ୍ତ ହୋଇ ବା ଲାଗିକରି ରହେ । ଯଥା- ତାଙ୍କଠାରେ ମୋର କାମଅଛି । ମାତ୍ର ପଦାନ୍ୱୟୀ ଅବ୍ୟୟ ଅନ୍ୟପଦ ସହିତ କେବଳ ଅର୍ଥସୂଚକ ସମ୍ବନ୍ଧ ରଖି ଅନ୍ୱିତ ହୋଇଥାଏ । ଯଥା-ପାଣ୍ଡବମାନଙ୍କ **ସହିତ** ଦ୍ରୌପଦୀ ବି ଗଲେ ।

### ୭.୪.୭ : ବୀପ୍‌ସାର୍ଥକ ଅବ୍ୟୟ :

ବୀପ୍‌ସା କହିଲେ ବାରମ୍ବାରତା ବା ଥରକପରେ ପୁଣି ଥରେ ଘଟିବାର ଧାରାକୁ ବୁଝାଏ । ବାକ୍ୟରେ ଯେଉଁ ଅବ୍ୟୟ ପଦଗୁଡ଼ିକ ବାରମ୍ବାରତାକୁ ବା ଥରକୁଥର ଘଟୁଥିବାର ଭାବକୁ ପ୍ରକାଶ କରିଥାଏ ତାହାକୁ **'ବୀପ୍‌ସାର୍ଥକ ଅବ୍ୟୟ'** ପଦ କୁହାଯାଏ । ଆମ ଭାଷାରେ କେତେକ ସ୍ଥଳରେ ଶବ୍ଦର ଦ୍ୱିତ୍ୱ କରାଯାଇ ଏ ଶ୍ରେଣୀୟ ଅବ୍ୟୟପଦ ଗଢ଼ାଯାଏ ଓ ବାକ୍ୟରେ ବ୍ୟବହାର କରାଯାଏ । ଘନଘନ, ବାରମ୍ବାର, ପୁନଃପୁନଃ, ଲାଗ୍‌ଲାଗ୍, ଲଗାଏତ, ଲଗାତର, ମୁହୁର୍ମୁହୁଃ, ଧୀରେଧୀରେ, ଧାରଧାର, କାଳେକାଳେ, ବେଳେବେଳେ, ବାରବାର-ଇତ୍ୟାଦି ଏହି ଶ୍ରେଣୀର କେତୋଟି ଅବ୍ୟୟପଦ । ଏପ୍ରକାର ଅବ୍ୟୟପଦର ବାକ୍ୟରୂପକୁ ନିମ୍ନ ଉଦାହରଣ ଦୁଇଟିରୁ ଲକ୍ଷ୍ୟକର ।

(କ) ଶ୍ରୋତାମାନେ **ଘନଘନ** କରତାଳି ଦେଲେ ।
(ଖ) କ୍ରମେକ୍ରମେ ସେ ସବୁ ଭୁଲିଗଲେ ।
(ଗ) ଏଣିକି ଦିନେ ନୁହେଁ, ସେ **ଲଗାତର** ଆସିବ ।
(ଘ) ଅହରହଃ ସେ ଧାଉଁଛି ।

### ୭.୪.୮ : ନିଷେଧାର୍ଥକ ଅବ୍ୟୟ :

ସାଧାରଣତଃ ଆମେ ଭାବକୁ ହଁ / ନା, ସମ୍ମତି / ଅସମ୍ମତି, ଅଛି / ନାହିଁ ; ବାରଣ / ନିବାରଣ ଓ ନାସ୍ତିବାଚକ / ଅସ୍ତିବାଚକ କରି ପ୍ରକାଶ କରିଥାଉ । ନାସ୍ତିବାଚକ ଭାବାର୍ଥ ପାଇଁ ଆମେ କେତେକ ଅବ୍ୟୟ ପଦ ବ୍ୟବହାର କରିଥାଉ । ଏ ପ୍ରକାର ଅବ୍ୟୟପଦ ଦ୍ୱାରା 'ହଁ' ସୂଚକ ବାକ୍ୟଗୁଡ଼ିକ 'ନା' ସୂଚକ ହୋଇ ରୂପପାଏ । ସୁତରାଂ ଯେଉଁ ଅବ୍ୟୟ ପଦ ଦ୍ୱାରା ବାକ୍ୟାର୍ଥର ନିଷେଧ ବା ବାରଣ ସୂଚିତ ହୁଏ ତାହାକୁ **'ନିଷେଧାର୍ଥକ ଅବ୍ୟୟ'** କୁହାଯାଏ । କେତୋଟି ଉଦାହରଣକୁ ଲକ୍ଷ୍ୟକର ।

- **ନା**, ଆଉ ହେବାର **ନାହିଁ** ।
- ଏହା କର, **ନହେଲେ** ଅସୁବିଧାରେ ପଡ଼ିବ ।
- ମନଦେଇ ପଢ଼, **ନଚେତ୍** ବିଫଳ ହେବ ।
- **ନ** ଯିବ ଯଦି **ନ** କହିଲେ କେମିତି ଜାଣିବି ।

ଏ ଶ୍ରେଣୀର ଅନ୍ୟାନ୍ୟ ଅବ୍ୟୟପଦଗୁଡ଼ିକ ହେଲେ- ନି, ନାଇଁ, ନୁହେଁ ।

### ୭.୪.୯ : ସମ୍ଭାବନାସୂଚକ ଅବ୍ୟୟ :

ବାକ୍ୟାର୍ଥକୁ ସମ୍ଭାବନା ଅର୍ଥରେ ସୂଚିତ କରୁଥିବା ଅବ୍ୟୟପଦକୁ **'ସମ୍ଭାବନାସୂଚକ ଅବ୍ୟୟ'** କୁହାଯାଏ । ଆମେ ନିତିଦିନିଆ ଜୀବନରେ ବ୍ୟବହାର କରୁଥିବା ସଂଭାବନା ସୂଚକ ଅବ୍ୟୟ ପଦଗୁଡ଼ିକ ମଧ୍ୟରୁ-ଯଦି, ଯେବେ, କାଳେ, ତେବେ, ଯଦ୍ୟପି, ପ୍ରାୟେ, ବୋଧେ, ହୁଏତ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ଉଦାହାରଣ କେତୋଟିକୁ ଲକ୍ଷ୍ୟକର ।

- **ଯଦି** ବର୍ଷା ହୁଏ, **ତେବେ** ସେ ଆସିବ ନାହିଁ ।
- **କାଳେ** ସେ ଆସିବେ, ସେଥିପାଇଁ ତୁମେ ଅପେକ୍ଷାକର ।
- ଚାରିଦିନ ଭିତରେ **ବୋଧେ** ଏ କାମ ସରିବ ନାହିଁ ।

### ୭.୪.୧୦ : ସମ୍ବୋଧନସୂଚକ ଅବ୍ୟୟ :

ଅନ୍ୟକୁ ଆଦର, ଅନାଦର, ଶ୍ରଦ୍ଧା, ସମ୍ମାନ ଭିତ୍ତିରେ ଆମେ ସମ୍ବୋଧନ କରି କଥା କହିଥାଉ । ଅନ୍ୟକୁ ସମ୍ବୋଧନ କରିବା ପାଇଁ ଯେଉଁ ଅବ୍ୟୟପଦ ବ୍ୟବହୃତ ହୁଏ ତାହାକୁ **'ସମ୍ବୋଧନସୂଚକ ଅବ୍ୟୟ'** କୁହାଯାଏ । ଯଥା :

(କ) **ଆଲୋ** ସଖୀ ! ଆପଣା ମହତ ଆପେରଖି । (ଆଦର ଅର୍ଥରେ)

(ଖ) **ଆହେ** ଦୟାମୟ ! ମୋ ଗୁହାରି ଶୁଣ । (ଭକ୍ତି ଓ ସମ୍ମାନ ଅର୍ଥରେ)

(ଗ) **ଆରେ** ଟୋକା ! ତୋର ଆଉ ଦେଖା ନାହିଁ ? (ଅନାଦର ଅର୍ଥରେ)

(ଘ) **ଆବେ** ପିଲା ! ତୋତେ କ'ଣ ଶୁଭୁନାହିଁ ? (ଅନାଦର ଅର୍ଥରେ)

କେତେକ କ୍ଷେତ୍ରରେ ଆମେ ସ୍ତ୍ରୀବାଚକ ଓ ପୁରୁଷବାଚକ କର୍ତ୍ତାପଦ ପାଇଁ ଅଲଗା ଅଲଗା ସମ୍ବୋଧନମୂଳକ ଅବ୍ୟୟପଦ ବ୍ୟବହାର କରିଥାଉ । ଯଥା :

- **ହଇରେ** ନରି ! ତୋ ଭାଇ କୁଆଡ଼େଗଲେ କି ? (ପୁରୁଷ ବାଚକ)
- **ହଇଲୋ** ଲିଲି ! ତୋ ଭାଇ କୁଆଡ଼େ ଗଲେ କି ? (ସ୍ତ୍ରୀବାଚକ)
- **ହେ** ! ତୁମେ ଆସିବଟି ? (ପୁରୁଷ ବାଚକ)
- **ଆଗୋ** ! ତୁମେ ଆସିବଟି ? **ଆଲୋ** ! ତୁ ଆସିବୁଟି ? (ସ୍ତ୍ରୀ ବାଚକ)

ଏହି ପ୍ରକାରର ଅନ୍ୟ ଅବ୍ୟୟପଦଗୁଡ଼ିକ ହେଉଛି- ହୋ, ରେ, ଆଲୋ, ହୟୋ, କିଓ, ବେ, ଗୋ, ଭୋ, ହଇହେ, ଲୋ, ଇଲୋ, ଇତ୍ୟାଦି ।

### ୭.୪.୧୧ : ବିକଳ୍ପାର୍ଥକ ଅବ୍ୟୟ :

ବେଳେବେଳେ ଆମକୁ ଭାବ ପ୍ରକାଶ କରିବା ସମୟରେ ସମଜାତୀୟ ଦୁଇ ବା ତହିଁରୁ ଅଧିକ ବିଷୟ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ । ନିର୍ବାଚନ କରି ଗୋଟିକୁ ଅନ୍ୟ ବଦଳରେ ନିର୍ଦ୍ଦିଷ୍ଟ କରିବାକୁ ଆମେ 'ବିକଳ୍ପ' କହିଥାଉ । ବାକ୍ୟରେ ମଧ୍ୟ ସମାନ ଧରଣର ଦୁଇ ପ୍ରକାର ସଂଭାବନା, ଦୁଇ ପ୍ରକାର ଭାବ, ଦୁଇପ୍ରକାର କାର୍ଯ୍ୟ, ଦୁଇପ୍ରକାର ପଦ, ଗୁଣ, ଅବସ୍ଥା ମଧ୍ୟରୁ ଗୋଟିଏକୁ ବାଛିବାକୁ ଆବଶ୍ୟକ ପଡୁଥିଲେ ଆମେ ଏଥିପାଇଁ ବିକଳ୍ପ ସୂଚକ ପଦ ଭାବରେ କେତେକ ଅବ୍ୟୟପଦ ବ୍ୟବହାର କରିଥାଉ । ସୁତରାଂ ବାକ୍ୟରେ ଯେଉଁ ଅବ୍ୟୟପଦ ଦ୍ୱାରା ବିକଳ୍ପ ଅର୍ଥ ପ୍ରକାଶପାଏ, ତାହାକୁ **'ବିକଳ୍ପାର୍ଥକ ଅବ୍ୟୟ'** କୁହାଯାଏ ।

କି, ଅବା, ଅଥବା, କିମ୍ବା, ନତୁବା, ବା, ନଚେତ୍, ନୋହିଲେ- ଇତ୍ୟାଦି ଏକଏକ ବିକଳ୍ପାର୍ଥକ ଅବ୍ୟୟ । ଏପ୍ରକାର ଅବ୍ୟୟପଦର ବ୍ୟାବହାରିକ ଗୁରୁତ୍ୱକୁ ନିମ୍ନ ଦୃଷ୍ଟାନ୍ତରୁ ଲକ୍ଷ୍ୟ କର ।

- ତୁମେ **କିମ୍ବା** ସେ ଏ କାମଟିରେ ହାତଦିଅ ।
- କ-ବିଭାଗ **ଅଥବା** ଖ-ବିଭାଗ, କୌଣସି ଗୋଟିକୁ ବାଛି ପ୍ରଶ୍ନ ଅନୁସାରେ ଉତ୍ତର ଦିଅ ।
- ରୁନି **ଅବା** ସୁନା ; କେହି ଜଣେ ଘରେ ରହିବ ।

ବେଳେବେଳେ ବିଯୋଜକ ଅବ୍ୟୟ ଓ ବିକଳ୍ପାର୍ଥକ ଅବ୍ୟୟପଦ (ଯଥା-ଅବା, କିବା, ନତୁବା,ନଚେତ୍) ଏକା ହୋଇଥାଏ । କେଉଁ ଅର୍ଥରେ ଅବ୍ୟୟ ପଦଟି ବାକ୍ୟରେ ବ୍ୟବହୃତ ହୋଇଛି ତାହାକୁ ସୂକ୍ଷ୍ମଦୃଷ୍ଟିରେ ବିଚାର କରିବାକୁ ପଡ଼େ । ଏକ୍ଷେତ୍ରରେ ଯେଉଁ ଅବ୍ୟୟ ପଦଦ୍ୱାରା ପଦ ବା ବାକ୍ୟ ଅଲଗା ଅଲଗା ହୋଇଥାଏ ତାହାକୁ ବିଯୋଜକ ଅବ୍ୟୟ ଓ ଯାହାଦ୍ୱାରା ଗୋଟିଏକୁ ନିର୍ଦ୍ଦିଷ୍ଟ ଭାବରେ ବାଛିବାକୁ ପଡ଼େ ତାହାକୁ **ବିକଳ୍ପାର୍ଥକ ଅବ୍ୟୟ** ପଦ ବୋଲି ଜାଣିବାକୁ ହେବ । ଯଥା :

ତୁମେ ପଢ଼ **ନଚେତ୍** ଉତ୍ତୀର୍ଣ୍ଣ ହେବନାହିଁ । –(ବିଯୋଜକ ଅବ୍ୟୟ)

ତୁମେ ଏଠି ଏବେ ସତ କୁହ, **ନଚେତ୍** ଚୁପ୍‌ଚାପ ଚାଲିଯାଅ । –(ବିକଳ୍ପାର୍ଥକ ଅବ୍ୟୟ)

**୭.୪.୧୨ : ସାଦୃଶ୍ୟବୋଧକ ଅବ୍ୟୟ :**

ବାକ୍ୟରେ ଯେଉଁ ଅବ୍ୟୟ ପଦ ସାଦୃଶ୍ୟ ବୁଝାଇବା ପାଇଁ ବ୍ୟବହୃତ ହୁଏ, ତାହାକୁ **'ସାଦୃଶ୍ୟବୋଧକ ଅବ୍ୟୟ'** କୁହାଯାଏ । ଏହି ଶ୍ରେଣୀରେ ଅବ୍ୟୟପଦ ମଧ୍ୟରୁ- ଯେପରି, ସେପରି, ଏପରି, ଏଭଳି, ଏରୂପେ, ସେରୂପେ, ଯଥା, ତଥା, ପ୍ରାୟ, ପରି, ଭଳି, ସମ, ତୁଲ, ଯିମିତି, ସିମିତି, ସରି, ଯେମନ୍ତ, ତେମନ୍ତ, ଯେହ୍ନେ, କେହ୍ନେ, ଯେସନ, ତେସନ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ଏବେ ଉଦାହରଣ ତିନୋଟିକୁ ଲକ୍ଷ୍ୟକର ।

- **ଯେମିତି** କର୍ମ, **ସେମିତି** ଫଳ ।
- ଧରଣୀ **ପରି** ମାଆ ମୋର ସହନଶୀଳା ।
- ତୁମ **ଭଳି** ପିଲାଟିଏ, ମାତ୍ର ତୁମେ କେହି ବି ତା'ଗୁଣକୁ **ସରି** ନୁହଁ ।

ଏଠାରେ ଯେମିତି, ସେମିତି, ପରି, ଭଳି, ସରି- ଗୋଟିଏ ଗୋଟିଏ ସାଦୃଶ୍ୟବୋଧକ ଅବ୍ୟୟ ପଦ ।

**୭.୪.୧୩ : ପ୍ରଶ୍ନସୂଚକ ଅବ୍ୟୟ :**

କୌଣସି ବିଷୟରେ ଜାଣିବା ପାଇଁ ଆମେ ଅନ୍ୟକୁ ପ୍ରଶ୍ନ ପଚାରିଥାଉ । ବାକ୍ୟକୁ ବା ଆମର କଥାକୁ ପ୍ରଶ୍ନବାଚକ କରିବା ପାଇଁ ଆମେ ଯେଉଁ ଅବ୍ୟୟ ପଦକୁ ବ୍ୟବହାର କରିଥାଉ, ତାହାକୁ **'ପ୍ରଶ୍ନସୂଚକ ଅବ୍ୟୟ'** ପଦ କୁହାଯାଏ । ଆମ ଭାଷାରେ କି, କ'ଣ, କିସ, କାହିଁକି, ତ, ଟି, ପରା, ନି, କିପରି, କି ଇତ୍ୟାଦି ପଦ ତଥା ସୂଚକ ପଦକୁ ପ୍ରଶ୍ନସୂଚକ ଅବ୍ୟୟ ଭାବରେ ବ୍ୟବହାର କରାଯାଏ । ଉଦାହରଣ ସ୍ୱରୂପ-

- ସେ **କିଏ** ? ତମ ସହିତ ସେ ଯିବ **ତ** ?
- ତୁମେ ଭାବିଲ **କି** ? ହଁ ଅଥବା ନାଁ କଲେ ତାଙ୍କୁ ଡ଼ାକିବା **ପରା** ?
- ସେ କହିଲେ **ଟି** ? ତେବେ ଫଳ **କ'ଣ** ହେଲା ? **କାହିଁକି** ଫଳାଫଳ ଜଣାଇଲ ନାହିଁ ?

**୭.୪.୧୪ : ସମ୍ମତିସୂଚକ ଅବ୍ୟୟ :**

ଯେଉଁ ଅବ୍ୟୟ ପଦ ଯୋଗେ ବାକ୍ୟାର୍ଥରେ ସମ୍ମତି ବା ସ୍ୱୀକୃତି ପ୍ରକାଶ ପାଇଥାଏ, ତାହାକୁ **'ସମ୍ମତିସୂଚକ ଅବ୍ୟୟ'** କୁହାଯାଏ । ହଁ, ହୁଁ, ହଉ, ହେଲା, ଆଜ୍ଞା, ଅବଶ୍ୟ, ଆଚ୍ଛା, ଠିକ୍, ହଇ, ନିଶ୍ଚୟ, ସିନା, ହାଁ- ଏସବୁକୁ ସମ୍ମତିସୂଚକ ଅବ୍ୟୟ ପଦ ଭାବରେ ଆମ ଭାଷାରେ ବ୍ୟବହାର କରାଯାଏ । କେତୋଟି ଦୃଷ୍ଟାନ୍ତ-

- **ଆଜ୍ଞା**, ଯାଉଛି / **ହାଁ**, ଏଥର ବୁଝିଲି / ଏବେ ଜାଣିଲି **ସିନା** / **ନିଶ୍ଚୟ**, ଏହା ମୁଁ କରିବି / **ହଇ**, କଥାଟା ପକାଇବା / **ହଉ**, ଏଥର ତାକୁ ଛାଡ଼ିଦେ / **ହେଲା**, ତା'କଥା ବୁଝିବା / **ଅବଶ୍ୟ**, ମୁଁ ଏକାର୍ଯ୍ୟ କରିବି ।

ସମ୍ମତିର ବିପରୀତ ଅର୍ଥରେ ଆମେ ଅସମ୍ମତିସୂଚକ କେତେକ ଅବ୍ୟୟ ପଦ ମଧ୍ୟ ବ୍ୟବହାର କରିଥାଉ । ଯଥା- ନା, ନାଁନାଁ, ନାଁଗୋ, ଉହୁଁ, ଏହେ, ନିଗୋ । **ନାଁଗୋ,** ଏକାମ ଭଲ ନୁହେଁ / **ଉହୁଁ,** ଏହା ଠିକ୍ ହେବନି / **ନା'ନା-** ଏମିତି ଭାବିବାଟା ଠିକ୍ ନୁହେଁ ।

**୭.୫.୧୫ : ଭାବସୂଚକ ଅବ୍ୟୟ :**

ଯେଉଁ ଅବ୍ୟୟପଦ ଦ୍ୱାରା ହର୍ଷ, ବିଷାଦ, ଘୃଣା, ବିସ୍ମୟ, ଭୟ, ବିତୃଷା, ଦୁଃଖାଦି ମନର ଭାବ ପ୍ରକାଶ ପାଏ ତାହାକୁ **'ଭାବସୂଚକ ଅବ୍ୟୟ'** କୁହାଯାଏ । ଆମ ଭାଷାରେ ଚଳୁଥିବା କେତୋଟି ଭାବବାଚକ ଅବ୍ୟୟପଦ ଏହିପରି-

(କ) ଆନନ୍ଦ ବା ସନ୍ତୋଷସୂଚକ ଅବ୍ୟୟପଦ- ବାଃ, ଚମତ୍କାର, ସାବସ୍, ବେଶ୍

(ଖ) ଆଶ୍ଚର୍ଯ୍ୟବାଚକ ଅବ୍ୟୟପଦ- ଏଁ, ଓହୋ, ବାଃବାଃ

(ଗ) ଘୃଣା ବା ବିତୃଷ୍ଣାସୂଚକ ଅବ୍ୟୟପଦ- ଛି, ଧାତ୍, ଧେତ୍, ଇହିଁ, ଭାକ୍, ଥୁ, ହାତ୍, ହାକ୍ ।

(ଘ) ଦୁଃଖବୋଧକ ଅବ୍ୟୟପଦ- ଓଃ, ଆହା, ଓହୋ, ଆଃ ।

(ଙ) ପ୍ରଶଂସାସୂଚକ ଅବ୍ୟୟ- ଆଚ୍ଛା, ବେଶ୍, ବାହାବା, ବାଃରେବାଃ ।

**୭.୪.୧୬ : ପରିମାଣସୂଚକ ଅବ୍ୟୟ-**

ଯେଉଁ ଅବ୍ୟୟ ପଦଦ୍ୱାରା ଅଗଣନୀୟ ବସ୍ତୁର ପରିମାଣ ବୁଝାଯାଏ ତାହାକୁ **'ପରିମାଣ ସୂଚକ ଅବ୍ୟୟ'** କହନ୍ତି । ଏତେ, ଏତିକି, କେତେ, ଯେତେ, ତେତେ, ସେତିକି, ଯେତିକି, କେତିକି, ସେତେ, କିଛି, ଏତେକ ଇତ୍ୟାଦି ଏହି ଶ୍ରେଣୀର ଅବ୍ୟୟ । ଯଥା- **ଯେତେ** ଦବୁ **ସେତେ** ନେବି / **କେତେଦିନକୁ** ଆଣ୍ଟ କରିବୁ / ଏବେ ତାକୁ **ଏତେକିଛି** ପଚାରନି / **ଯେତିକି** ମିଳିଲା, **ସେତିକି** ପାଇବାର ଥିଲା ।

**୭.୪.୧୭ : ଧ୍ୱନ୍ୟାନୁକାରୀ / ଶବ୍ଦାନୁକାରୀ ଅବ୍ୟୟ :-**

ଧ୍ୱନି ବା ଶବ୍ଦର ଅନୁକରଣରେ ଗଠିତ ହୋଇଥିବା ଅବ୍ୟୟ ପଦକୁ **'ଶବ୍ଦାନୁକାରୀ'** ବା **'ଧ୍ୱନ୍ୟାନୁକାରୀ'** ଅବ୍ୟୟ କୁହାଯାଏ ।

ସାଧାରଣତଃ ଧ୍ୱନ୍ୟାତ୍ମକ ଶବ୍ଦର ଦ୍ୱିତ୍ୱରୂପ ଦ୍ୱାରା ଏଧରଣର ଅବ୍ୟୟପଦ ଗଠିତହୁଏ । କେତୋଟି ଧ୍ୱନ୍ୟାନୁକାରୀ ଅବ୍ୟୟପଦ- ଠୋଠୋ, ଭୋଭୋ, କଡ଼କଡ଼, ଫଡ଼ଫଡ଼, କଳକଳ, ଠନ୍‌ଠନ୍, ଢଂଢଂ, କ୍ରିଂକ୍ରିଂ, ଭୁସ୍‌ଭୁସ୍, ଦୁଲ୍‌ଦୁଲ୍ ।

**ମନେରଖିବାକୁ ହେବ ଯେ-** (କ) କେତେକ କ୍ଷେତ୍ରରେ ଶବ୍ଦ ଦୋହରା ବା ଦ୍ୱିତ୍ୱ ହୋଇ ନଥାଏ । ଅବ୍ୟୟ ପଦର ଦ୍ୱିତୀୟ ସହଯୋଗୀ ପଦଟି ମୂଳ ଶବ୍ଦଠାରୁ ସାମାନ୍ୟ ବିକାର ରୂପର ହୋଇଥାଏ । ଯଥା- ଠୋଠା (ଏଠି 'ଠୋ' ସ୍ଥାନରେ 'ଠା' ହୋଇଛି) / ଭୁସ୍‌ଭାସ୍ / ମଡ଼୍‌ମାଡ଼୍, କେଁକାଁ, ଦୁଲ୍‌ଦାଲ୍ । (ଖ) ଦ୍ୱିତ୍ୱ ଶବ୍ଦ ବିଶିଷ୍ଟ ଅବ୍ୟୟ ପଦ ବହୁବାଚକ ଅର୍ଥ ପ୍ରକାଶ କରେ । ଶବ୍ଦ ନିର୍ଦ୍ଦିଷ୍ଟ ଗୋଟିଏ ଧ୍ୱନ୍ୟାତ୍ମକ ଅର୍ଥ ପ୍ରକାଶ କରୁଥିଲେ ଶବ୍ଦଟି ଏକପଦ ବିଶିଷ୍ଟ ହୁଏ ଅଥବା ତହିଁରେ 'କିନା, କିଣା, କିନି' ଆଦି ଯୋଗ ହୋଇଥାଏ । ଯଥା- ଠୋକିନା ମାରିଲା / ଠୋଠା / ମାରିଲା / ଢୋକିଣା ବା ଢୋକିଣି ଫୁଟିଲା / ଢୋଢୋ ଫୁଟିଲା / ଦୁଲ୍‌ଦାଲ୍ ପଡ଼ିଲା / ଦୁଲ୍‌କିଣା ପଡ଼ିଲା / ଠକ୍‌ଠକ୍ ଶୁଭିଲା / ଠକ୍‌କିନି ଶୁଭିଲା ।

ଏ ସବୁ ଉଦାହରଣରେ ଠୋଠା / ଢୋଢୋ / ଦୁଲ୍‌ଦାଲ୍ / ଠକ୍‌ଠକ୍ ଇତ୍ୟାଦି ଅବ୍ୟୟ ପଦରେ 'ଠୋ, ଢୋ, ଦୁଲ୍, ଠକ୍'- ପ୍ରତ୍ୟେକ ଶବ୍ଦ ଦୋହରା ଯାଇଛି ବା ଦ୍ୱିତ୍ୱ ହୋଇଛି । ଶବ୍ଦଗୁଡ଼ିକ ଦୋହରା ଯାଇଥିବାରୁ ମାରିଲା, ଫୁଟିଲା, ପଡ଼ିଲା ଓ ଶୁଭିଲା ଇତ୍ୟାଦି କାର୍ଯ୍ୟ ବହୁବାର ଘଟିଥିବାର ସୂଚନା ମିଳୁଛି ।

**ଦ୍ୱିତ୍ୱ ଅବ୍ୟୟପଦ ବହୁଧାସୂଚକ ଅର୍ଥ ପ୍ରକାଶ କରିଥାଏ** । ମାତ୍ର ଠୋ-ଠୋକିଣା, ଢୋ-ଢୋକିଣି-ଢୋକିଣା, ଦୁଲ୍-ଦୁଲ୍‌କିଣି ଓ ଠକ୍-ଠକ୍‌କିନା ଇତ୍ୟାଦି ଶବ୍ଦ ଗୋଟିଏ ଥର ଘଟିଥିବାର ଅର୍ଥକୁ ବୁଝାଉଛି । 'ଠୋକିଣା ମାରିଲା' କହିବା ମାତ୍ରେ ଶ୍ରୋତା ଜଣେ ଜଣକୁ ଥରୁଟିଏ ଠୋ କରି ମାରିଲା ବୋଲି ବୁଝୁଛି । ଏଥିରୁ ଜଣାଗଲା କିଣା, କିଣି, କିନା, କିନି ଇତ୍ୟାଦି ଲାଗିବା ଦ୍ୱାରା ଧ୍ୱନ୍ୟାତ୍ମକ ଅବ୍ୟୟ ପଦଟି କାର୍ଯ୍ୟ ଗୋଟିଏଥର ଘଟିଥିବାର ଅର୍ଥ ନିର୍ଦ୍ଦିଷ୍ଟ କରିଦିଏ ।

ଏବେ ବୁଝ ଓ ବୁଝାଅ- ଭୁସ୍‌କିନା-ଭୁସ୍‌ଭାସ୍ / ରଟ୍‌କିନା-ରଟ୍‌ରାଟ୍ / ଢଂଢଂ-ଢଂକିଣା / ଭଡ୍‌ଭାଡ୍-ଭଡ୍‌କିନା / ଖସ୍‌ଖାସ୍-ଖସ୍‌କିନା / ଭୋଭୋ- ଭୋକିଣି ।

### ୭.୪.୧୮ : ସମୁଦାୟସୂଚକ ବା ସମଷ୍ଟିବାଚକ ଅବ୍ୟୟ :

ସମଜାତୀୟ ହେଉ ବା ବିଷମଜାତୀୟ ହେଉ ବାକ୍ୟରେ ଅନେକଙ୍କ ସମଷ୍ଟି ବା ସାମୁଦାୟିକ ବା ସମାହାରକୁ ସାମଗ୍ରିକ ଭାବରେ ବୁଝାଇବା ପାଇଁ ଆମେ ଆମଭାଷାରେ କେତେଗୁଡ଼ିଏ ଭିନ୍ନ ପ୍ରକାରର ଅବ୍ୟୟପଦ ବ୍ୟବହାର କରିଥାଉ । ସମୁଦାୟର ସୂଚନା ଦେଉଥିବା ଅବ୍ୟୟ ପଦଗୁଡ଼ିକ ହେଉଛି- ଆଦି, ଇତ୍ୟାଦି, ପ୍ରଭୃତି, ପ୍ରମୁଖ, ବିବିଧ, ବିଭିନ୍ନ, ଓଗେର । ଯଥା-

- ମଳୟ, ଅଜୟ, ବିନୟ, ବିଜୟ **ଓଗେର** ମିଶି ଏ କାମ କରିଛନ୍ତି ।
- ନିନା, ମୀନା, ଲୀନା, ଝୁନା, **ପ୍ରମୁଖ** ସେଠାକୁ ଗଲେ ।
- ଭାଇ ମୋ ପାଇଁ ବହି, ଖାତା, କଲମ, କାଗଜ **ଇତ୍ୟାଦି** ଆଣିଥିଲେ ।

ପ୍ରାଣୀବାଚକ ସମଷ୍ଟି କ୍ଷେତ୍ରରେ 'ଇତ୍ୟାଦି' ବସେ ନାହିଁ । ବସ୍ତୁବାଚକ ବା ଅପ୍ରାଣୀବାଚକ ସମଷ୍ଟିକୁ ବୁଝାଇବା ପାଇଁ 'ପ୍ରମୁଖ' ବ୍ୟବହାର କରାଯାଏ ନାହିଁ । ଭାବବାଚକ ପଦଗୁଡ଼ିକର ସମାହାର ବୁଝାଇବା ପାଇଁ ପ୍ରାୟତଃ 'ଆଦି' ଓ 'ଇତ୍ୟାଦି' ବସିଥାଏ । ଯଥା- ଦୟା, କ୍ଷମା, କରୁଣା, ସହାନୁଭୂତି, ଅନୁରାଗ **ଆଦି** ଭାବ ମଣିଷକୁ ବଡ଼କରି ଚିହ୍ନାଇ ଦିଏ ।

### ୭.୪.୧୯ : ଅନ୍ୟାନ୍ୟ ଅବ୍ୟୟ ପଦ :

ବାକ୍ୟରେ ଭାବାର୍ଥ ପ୍ରକାଶ ପାଇଁ ପ୍ରୟୋଜନ ଅନୁସାରେ ଓଡ଼ିଆରେ ଆଉ କେତେକ ପ୍ରକାରର ଅବ୍ୟୟ ପଦ ପ୍ରଚଳିତ ହୋଇଥାଏ । ସେଗୁଡ଼ିକ ମଧ୍ୟରୁ କେତେକ ଏହିପରି-

**(କ) ଆନୁକ୍ରମିକ ଅବ୍ୟୟ-** ଯଥାକ୍ରମେ, କ୍ରମଶଃ, ଧୀରେଧୀରେ, ଆସ୍ତେଆସ୍ତେ, ଯାଉଯାଉ, ନେଇନେଇ, ରହିରହି । ଏପ୍ରକାର ଅବ୍ୟୟ ପଦ ଦ୍ୱାରା କାର୍ଯ୍ୟର ନିରବଚ୍ଛିନ୍ନ କ୍ରମ ବୁଝାଯାଏ ।

**(ଖ) ଅନୁଶୀଳନାତ୍ମକ ଅବ୍ୟୟ-** ମାନେ, ଯେ, ଅର୍ଥାତ୍, ଯଥା, ଆଦି, ଇତ୍ୟାଦି, ମାତ୍ରେ, ପ୍ରଭୃତି- ଏପରି କେତେକ ଅବ୍ୟୟ ପଦ କାର୍ଯ୍ୟସାଧନରେ ସହଯୋଗ କରିବା ସହିତ ଅନ୍ୟପଦ ବିଷୟରେ ଚିନ୍ତାକରିବାକୁ ସୂଚେଇ ଦିଅନ୍ତି । ଏଗୁଡ଼ିକୁ ଅନୁଶୀଳନାତ୍ମକ ଅବ୍ୟୟ କୁହାଯାଏ । ଯଥା-ତୁମେ କହିବ **ମାନେ** ଗାଳି ଶୁଣିବ । ସେ କହିବେ **ଯେ** ତୁମେ ଶୁଣିଲେ ହେଲା । ତୁମେ ଚୁପ ରହିଲ **ଅର୍ଥାତ୍** ଦୋଷ ମାନିନେଲ । ସେ ଶୁଣିବା **ମାତ୍ରେ** ରାଗିବେ ।



PA01/12/2010

(ଗ) **ଅସମାପିକା କ୍ରିୟାରୂପକ ଅବ୍ୟୟ**- ଆମେ ଖା, ଯା, ନେ, ଦେ ଇତ୍ୟାଦି କ୍ରିୟାପଦରେ ଶେଷ ହେବା, ଶେଷହେଉନଥିବା ବା କାର୍ଯ୍ୟ ଚାଲୁରହିଥିବା ଅର୍ଥରେ 'ଇ' / 'ଉ' ଲଗାଇ ଅସମାପିକା କ୍ରିୟା ଗଠନ କରି ବ୍ୟବହାର କରିଥାଆନ୍ତି । ଯଥା- କରି, କରୁ, ଖାଇ, ଖାଉ, ଯାଇ, ଯାଉ, ନେଇ, ନେଉ । ଅସମାପିକା କ୍ରିୟାଗୁଡ଼ିକୁ ଦୋହରାଯାଇ ବା ଦ୍ୱିତ୍ୱ କରାଯାଇ ଅବ୍ୟୟ ପଦ ରୂପରେ ବ୍ୟବହାର କରାଯାଇଥାଏ । ଯଥା- **ଯିବିଯିବି** କହୁଛି / **ନେଲିନେଲି** ହୁଅନା / **ପାଉପାଉ** ଖସିଗଲା / **ଦେଉଦେଉ** ହଜିଗଲା ।

ଏଠାରେ ପ୍ରଥମ ଉଦାହାରଣଟିରେ **'ଯିବିଯିବି'** ଅର୍ଥାତ୍ ଯିବିବୋଲି ବାରମ୍ବାର କହୁଥିବାର ଅର୍ଥ ପ୍ରକାଶ ପାଉଛି । ସେହିପରି ଦ୍ୱିତୀୟ ଉଦାହରଣରେ 'ନେଲିନେଲି' ଅର୍ଥ ନେଲିବୋଲି । ତୃତୀୟ ଓ ଚତୁର୍ଥ ଦୃଷ୍ଟାନ୍ତରେ 'ପାଉପାଉ' ; 'ଦେଉଦେଉ' ଅର୍ଥ ପାଇବାମାତ୍ରେ, ଦେବାମାତ୍ରେ କୁ ବୁଝାଉଛି । ଏହି ଅର୍ଥଗୁଡ଼ିକ ଅବ୍ୟୟମୂଳକ ହୋଇ ପ୍ରକାଶ ପାଉଥିବାରୁ ଏବଂ ଏଗୁଡ଼ିକର ଦ୍ୱିତ୍ୱରୂପ ଅସମାପିକା କ୍ରିୟା ଭଳି ହୋଇଥିବାରୁ- ଏଶ୍ରେଣୀର ଅବ୍ୟୟକୁ **ଅସମାପିକା କ୍ରିୟାରୂପକ** ଅବ୍ୟୟ କୁହାଯାଏ ।

(ଘ) **କ୍ରିୟା ବିଶେଷଣାତ୍ମକ ଅବ୍ୟୟ** - ଶୀଘ୍ର, ହଠାତ୍, ଚଞ୍ଚଳ, ଆଦୌ, ଜଲ୍‌ଦି, ଫେର୍, ବେଶ୍, ଖୁବ୍- ଏପ୍ରକାର କେତେକ କ୍ରିୟାବିଶେଷଣାତ୍ମକ ପଦ ବି ଆମଭାଷାରେ ଅବ୍ୟୟ ପଦ ରୂପେ ପ୍ରଚଳିତ ହୁଏ ।

(ଙ) **ନିଶ୍ଚୟବୋଧକ ଅବ୍ୟୟ** - ନିଶ୍ଚୟ, ନିତାନ୍ତ, ଅତନ୍ତଃ, ସୁନିଶ୍ଚିତ, ଅଲବତ୍, ଯେମିତିହେଲେ, କେମିତିହେଲେ- ଇତ୍ୟାଦି କେତେକ ଶବ୍ଦ **'ନିଶ୍ଚୟବୋଧକ ଅବ୍ୟୟ'** ପଦରୂପେ ଆମ ଭାଷାରେ ପ୍ରଚଳିତ ହୁଏ ।

(ଚ) **ସଂକୋଚନକାରୀ ଅବ୍ୟୟ** - ବରଂ, କିଛି, ମାତ୍ର, ବରଞ୍ଚ, ହେଲେ, ତଥାପି- ଏପରି କେତେକ ଅବ୍ୟୟ ପଦକୁ ଆମ ଭାଷାରେ ଭାବର ଗୁରୁତ୍ୱକୁ ସଂକୋଚନ କରିବା ପାଇଁ ବ୍ୟବହାର କରାଯାଇଥାଏ । ଏଗୁଡ଼ିକ **'ସଂକୋଚନକାରୀ ଅବ୍ୟୟ'** ପଦ ।ଯଥା- ତା' ନକରି **ବରଂ** ଏଇଟା କରାଯାଉ । ସେଥିରେ ହାତ ନଦେଇ **ବରଞ୍ଚ** ଏଥିରେ ଲାଗ । ତାଙ୍କର ଗୋଟିଏ **ମାତ୍ର** ପୁଅ ।

(ଛ) **ଅଳଙ୍କାରିକ ଅବ୍ୟୟ** - ଆମେ କେତେକ ଛୋଟଛୋଟ ଅବ୍ୟୟ ପଦ ବାକ୍ୟରେ ବ୍ୟବହାର କରି କହିବାର ଭଙ୍ଗୀ ବା ସ୍ୱର ପରିବର୍ତ୍ତନ କରିଥାଉ । ବାକ୍ୟରେ ଶେଷହେବା ଅନ୍ତରେ ଲାଗି ଏ ପ୍ରକାର ଅବ୍ୟୟ ସ୍ୱର ପରିବର୍ତ୍ତନରେ ସାହାଯ୍ୟ କରିଥା'ନ୍ତି । ଏ ପ୍ରକାର ଅବ୍ୟୟ ମଧ୍ୟରୁ କେତୋଟି ଏହିପରି- କି, ଯେ, ନା, ତ, ମ, ଟି, ହଁ, ହେ, ରେ, ସେ । ବାକ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି, ବାକ୍ୟରେ ଶ୍ରୁତିମାଧୁର୍ଯ୍ୟ ଓ ବାକ୍‌ଚାତୁରୀ ସୃଷ୍ଟି ପାଇଁ ଏ ପ୍ରକାର ଅବ୍ୟୟ ପଦକୁ ଅଳଙ୍କାର ଭାବରେ ବ୍ୟବହାର କରାଯାଇଥାଏ । ଏ ଶ୍ରେଣୀୟ **'ଆଳଙ୍କାରିକ ଅବ୍ୟୟ'**ର କେତୋଟି ଉଦାହରଣ ଏଠାରେ ଦିଆଯାଉଛି, ଲକ୍ଷ୍ୟକର ।

(୧) ଗଲାଣି **ତ** ଗଲାକଥାରେ ସଂଗାତ ।

(୨) ଅନୁସରି **ତ** ପ୍ରଭୁ ! କାଳଯାକ ଗଲା ସରିତ ।

(୩) ଶୁଣ **ମ** ଶୁଣମ ବାଳା ମଧୁରେ ବୋଇଲା ।

(୪) କ୍ରମେ ଗ୍ରୀଷମ ଆସି ହେଲା ପ୍ରବେଶ **ଯେ** ।

(୫) ଏବେ ଦେଖୁ **ନା**, କି ଦଶା ହେଲାଣି **ହେ** ।

(ଢ) **ଅନୁଭୂତିମୂଳକ ଅବ୍ୟୟ** - କେବଳ **ନିର୍ଦ୍ଦିଷ୍ଟ** ଅନୁଭୂତିକୁ ସୂଚେଇ ଦେବାପାଇଁ ଆମ ଭାଷାରେ କେତେକ '**ଅନୁଭୂତିମୂଳକ ଅବ୍ୟୟ**' ପଦ ବ୍ୟବହୃତ ହୋଇଥାଏ । ଯଥା- ସଲ୍‌ସଲ୍, କଲବଲ୍, ରୁଗୁରୁଗୁ, ଚାଏଁଚାଏଁ, ଗଲଗଲ, ଛଟ୍‌ଛଟ୍, କୁତୁକୁତୁ, ଦକ୍‌ଦକ୍, ଛଟପଟ ।

(ଣ) ଦ୍ୱିତ୍ୱମୂଳକ ଅବ୍ୟୟ - କେତେକ **ସର୍ବନାମ** ବି ଦ୍ୱିତ୍ୱରୂପରେ ଆମ ଭାଷାରେ ଅବ୍ୟୟ ପଦ ଭାବେ ବ୍ୟବହୃତ ହୋଇଥାଏ । ଯଥା- ଛାଏଁଛାଏଁ, ନିଜେନିଜେ, ଆପେଆପେ, ସ୍ୱସ୍ୱ, ଯେଉଁଯେଉଁ, ସେହିସେହି, ଯାହାଯାହା, ତାହାତାହା ।

(ତ) **ପଦବିକାରମୂଳକ ଅବ୍ୟୟ**- ଆମେ ଗୋଟିଏ ସାର୍ଥକ ପଦ ପରେ ଆଉ ଗୋଟିଏ ନିରର୍ଥକ ପଦ ବସାଇ ବାକ୍ୟାର୍ଥରେ ଉତ୍କର୍ଷ ଓ ଅପକର୍ଷ ବୁଝାଇଥାଉ । ପ୍ରଥମ ପଦଟିକୁ ଅନୁସରଣ କରି ନିରର୍ଥକ ପଦଟି ତାହାର ସ୍ୱରବିକାର ମୂଳକ ହୋଇ ଲାଗିଥାଏ । ଯଥା- କଥାଲଥା / ସାଗୁଫାଗୁ / ଏଠାରେ 'ଲଥା / ଫାଗୁ'- ଦୁଇଟି ନିରର୍ଥକ ଶବ୍ଦ । କଥା ଓ ସାଗୁ ଶବ୍ଦର ସ୍ୱର ବା ଉଚ୍ଚାରଣ ଭଙ୍ଗୀରେ ବିକୃତ ଅନୁକରଣରେ ଲଥା / ଫାଗୁ-ଶବ୍ଦଦୁଇଟି ଗଠିତ ହୋଇଛି ଓ ଯଥାକ୍ରମେ କଥା-ସାଗୁ ପଦରେ ଲାଗିଛି । ଏପରି ବିକାର ଉଚ୍ଚାରଣମୂଳକ ନିରର୍ଥକ ପଦଗୁଡ଼ିକ ମଧ୍ୟ ଏକଏକ ଅବ୍ୟୟ ପଦ । ଉଦାହରଣ ସ୍ୱରୂପ,

(୧) ଗଛଫଛ - 'ଗଛ' ସାର୍ଥକ ପଦ ଓ 'ଫଛ' ନିରର୍ଥକ ଅବ୍ୟୟ ପଦ ।

(୨) ପିଲାଝିଲା - 'ପିଲା' ସାର୍ଥକ ପଦ ଓ 'ଝିଲା' ନିରର୍ଥକ ଅବ୍ୟୟ ପଦ ।

(୩) ରାଗଫାଗ - 'ରାଗ' ସାର୍ଥକ ପଦ ଓ 'ଫାଗ' ନିରର୍ଥକ ଅବ୍ୟୟ ପଦ ।

(ଟ) ବାକ୍ୟାରମ୍ଭେ ଅବ୍ୟୟ - କେତେକ ବିଶେଷ୍ୟ ଓ ବିଶେଷଣ ପଦ ପରେ ତଃ / ଶଃ (ତସ୍ / ଶସ୍) ପ୍ରତ୍ୟୟ ଲଗାଇ ଆମେ ନୂଆ ପ୍ରକାରର ପଦ ଗଠନ କରିଥାଉ । ସେହି ପଦଗୁଡ଼ିକୁ ବାକ୍ୟରେ ଅବ୍ୟୟ ପଦ ଭାବରେ ମଧ୍ୟ ବ୍ୟବହାର କରିଥାଉ । ଏପ୍ରକାର ଅବ୍ୟୟ ବାକ୍ୟର ଆରମ୍ଭରେ ବସାଯାଇଥାଏ । ଯଥା-

(୧) ମୂଳ + ତଃ = ମୂଳତଃ- **ମୂଳତଃ** ସେ ଏକଥା ବୁଝି ନାହାନ୍ତି ।

(୨) ବିଶେଷ + ତଃ = ବିଶେଷତଃ- **ବିଶେଷତଃ** ଏକାମ ସହଜରେ କରିହୁଏନି ।

(୩) ସାଧାରଣ + ତଃ = ସାଧାରଣତଃ- **ସାଧାରଣତଃ** ଆମେ ପ୍ରଥମେ ମଣିଷ, ପରେ ଓଡ଼ିଆ ।

(୪) ଆପାତ + ତଃ = ଆପାତତଃ- **ଅପାତତଃ** ତାଙ୍କୁ ଟଙ୍କା ଦେଇ ସମସ୍ୟା ତୁଟାଅ ।

ଏ ପ୍ରକାର 'ତଃ' ମୂଳକ ଅବ୍ୟୟ ବାକ୍ୟର ଆରମ୍ଭରେ ବ୍ୟବହାର କରାଯାଏ । ଏଗୁଡ଼ିକ ମୂଳ ବିଶେଷ୍ୟ ଓ ବିଶେଷଣ ପଦକୁ ଭାବାର୍ଥ, ସମ୍ବନ୍ଧାର୍ଥ, ପ୍ରକାରାର୍ଥ, ନିମିତ୍ତାର୍ଥ କରିଥାଏ । ଯଥା- ବିଶେଷତଃ = ବିଶେଷ ଭାବରେ / ଆପାତତଃ- ଆପାତ ବା ବର୍ତ୍ତମାନ ପାଇଁ । ଏ ଶ୍ରେଣୀର ଆଉ କେତୋଟି ଅବ୍ୟୟ- ପ୍ରଥମତଃ, ସ୍ୱଭାବତଃ, ପ୍ରାୟଶଃ, ଫଳତଃ, ଶାସ୍ତ୍ରତଃ, ସ୍ଥୂଳତଃ, ସୂକ୍ଷ୍ମତଃ ।

(ଠ) 'ଆ' ଯୋଗେ ଅବ୍ୟୟ - କେତେକ ମୂଳପଦ ବା ମୂଳଶବ୍ଦ ପୂର୍ବରୁ 'ଆ' ଉପସର୍ଗ ଯୋଗ କରାଯାଇ ଆମ ଭାଷାରେ ଅବ୍ୟୟପଦ ରୂପରେ ବ୍ୟବହାର କରାଯାଏ । ଯଥା- ଆ + କଣ୍ଠ = ଆକଣ୍ଠ / ଆ + ଜୀବନ = ଆଜୀବନ, ଆ + ଜନ୍ମ = ଆଜନ୍ମ, ଆ + କୁମାରୀ + ହିମାଳୟ = ଆକୁମାରୀ ହିମାଳୟ । ଏ ପ୍ରକାର ଅବ୍ୟୟ ବ୍ୟାପ୍ତି ବା ପର୍ଯ୍ୟନ୍ତ ଅର୍ଥରେ ବ୍ୟବହାର କରାଯାଏ । ଯଥା- ମୁଁ **ଆକଣ୍ଠ** ଭୋଜନ କଲି । ସେ ଆଜୀବନ ଦୁଃଖୀ ।

# ପ୍ରଶ୍ନାବଳୀ

୧ । ଅବ୍ୟୟ ପଦ କାହାକୁ କହନ୍ତି ?

୨ । ଅବ୍ୟୟ ପଦ ଗୁଡ଼ିକ କିପରି ଭାବରେ (କ) ବିଶେଷ୍ୟ, (ଖ) ବିଶେଷଣ, (ଗ) କ୍ରିୟା (ଘ) ସର୍ବନାମ ପଦ ଠାରୁ ଭିନ୍ନ ଉଦାହରଣ ଦେଇ ବୁଝାଅ ।

୩ । ପାଞ୍ଚୋଟି ପଦବିକାରମୂଳକ ଅବ୍ୟୟର ଦୃଷ୍ଟାନ୍ତ ଦିଅ ।

୪ । ସୂକ୍ଷ୍ମତଃ, ପ୍ରାୟତଃ, ସ୍ଥୂଳତଃ, ଫଳତଃ, ସ୍ୱଭାବତଃ- ଏହି ଅବ୍ୟୟପଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୫ । 'ଆ' ଉପସର୍ଗ ଲଗାଇ ତିନୋଟି ଅବ୍ୟୟପଦ ଲେଖ ଓ ତା'କୁ ବାକ୍ୟରେ ବ୍ୟବହାର କର ।

୬ । 'କିନା' ଓ 'କିଣି' ଯୋଗ କରି ତିନୋଟି ଧ୍ୱନ୍ୟାନୁକାରୀ ଅବ୍ୟୟ ପଦ ଲେଖ ।

୭ । 'ପ୍ରଶ୍ନବାଚକ ଅବ୍ୟୟ' କାହାକୁ କୁହାଯାଏ ? ତିନୋଟି ଉଦାହାରଣ ଦେଇ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୮ । ଆଦର ଓ ଅନାଦର ଅର୍ଥରେ ଦୁଇଟି ଲେଖାଏଁ ଅବ୍ୟୟ ପଦ ଲେଖି ବାକ୍ୟରେ ବ୍ୟବହାର କର ।

୯ । ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ଅବ୍ୟୟ ପଦ ଚିହ୍ନାଅ :

(କ) ହଇଓ, ଏତେ ବଡ଼ କଥା କିପରି କହିଲ ?

(ଖ) ଧୀରେଧୀରେ ଯିବାକୁ ପଡ଼ିବ, ହେଲେ ସଂଧ୍ୟା ହୋଇଯିବ ।

(ଗ) ତାଙ୍କ ଯୋଗୁଁ ଗଣ୍ଡଗୋଳ ହେଲା, ମାତ୍ର ସେ ସେଠୁ ଛୁ ମାରିଥିଲେ ।

(ଘ) ଯେମିତି ଠାକୁର, ତାଙ୍କୁ ସେମିତି ପୂଜା ।

୧୦ । ସଂଯୋଜକ ଓ ବିଯୋଜକ ଅବ୍ୟୟ କାହାକୁ କହନ୍ତି ? ଉଭୟ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୧୧ । ନିମ୍ନଲିଖିତ ଅବ୍ୟୟ ପଦ ଗୁଡ଼ିକ କି,ପ୍ରକାରର ଅବ୍ୟୟ ତାହା ଲେଖି ବାକ୍ୟରେ ବ୍ୟବହାର କର :
ଓଗେର, ଆଉ, ଅବା, କିପରି, ଖଡ଼ଖଡ଼, ଯଦି, ଆହା, ଏବେ, ଓଃ, ଛି, ବ୍ୟତୀତ, ସରି, କିସ, କୁତୁକୁତୁ, ବେଶ୍, ହଇ, ଆଲୋ, ଆଗୋ, ବରଂ ।

୧୨ । ଅଲଗା ଥିବା ଅବ୍ୟୟପଦଟି ବାଛି ପୃଥକ କର ।

(କ) ଠନ୍‌ଠନ୍, କଳକଳ, ପେଁପେଁ, ଠୋଠୋ, ଢୋକିନା ।

(ଖ) ଫର୍‌ଫର୍, ଭୁସ୍‌ଭୁସ୍, ଠୁକ୍‌ଠାକ୍, ଦୁଲ୍‌ଦୁଲ୍, ମଡ଼୍‌ମଡ଼୍ ।

(ଗ) ଏତେ, ଯେତେ, ଯେପରି, ସେତିକି, କେତିକି ।

(ଘ) ବିନା, ପ୍ରତି, ଅପେକ୍ଷା, ନଚେତ୍, ଦ୍ୱାରା ।

(ଙ) ଏକ୍ଷଣି, ଇଲାଗେ, ଯେବେ, ଯଦି, ତତ୍‌କାଳ ।

୧୩ । ନିଷେଧାର୍ଥକ ଅବ୍ୟୟ କାହାକୁ କହନ୍ତି ? ଦୁଇଟି ଉଦାହରଣ ଦିଅ ।

୧୪ । ବୀପ୍‌ସାର୍ଥକ ଅବ୍ୟୟ କହିଲେ କ'ଣ ବୁଝ ? ଦୁଇଟି ଦୃଷ୍ଟାନ୍ତ ଦିଅ ।

୧୫ । ତିନୋଟି ସମ୍ମତିସୂଚକ ଅବ୍ୟୟ ଲେଖି ବାକ୍ୟରେ ବ୍ୟବହାର କର ।

୧୬ । ୩ଟି ଭାବବାଚକ ଅବ୍ୟୟର ଦୃଷ୍ଟାନ୍ତ ଦେଇ ବାକ୍ୟରେ ବ୍ୟବହାର କର ।